## ସଂକ୍ଷେପରେ

### ଦାଦାଙ୍କ ଶେଷକୃତ୍ୟକୁ ଯାଇ ଫେରିଲେନି ପୁତୁରା

**ଢେଙ୍କାନାଳ ଅଫିସ, ୧୪।୬:** ଦାଦାଙ୍କ ଶେଷକୃତ୍ୟ ସାରି ଫେରୁଥିବାବେଳେ ଦୁର୍ଘଟଣାରେ ଚାଲିଯାଇଛି ପୁତୁରାଙ୍କ ଜୀବନ। ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମରେ ମଙ୍ଗଳବାର ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ଗ୍ରାମର ଗୁଣ୍ଡିଚା ସାହୁଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସାରି ପୁତୁରା ଲମ୍ବୋଦର ସ୍କୁଟିରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଭାରସାମ୍ୟ ହରାଇ ସ୍କୁଟିରୁ ଖସିପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଡାକ୍ତରଙ୍କ ପରାମର୍ଶରେ କଟକ ସ୍ଥାନାନ୍ତର କରିବାକୁ ଯୋଜନା କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଉନ୍ନତ ଶିକ୍ଷା ହଟାଇବ ଶିଶୁ ଶ୍ରମିକ ପ୍ରଥା



**ଢେଙ୍କାନାଳ ଅଫିସ, ୧୪।୬**
ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶ୍ୟାମାଚରଣପୁରସ୍ଥିତ ଆଦୃତା ଶିଶୁଗୃହରେ ବିଶ୍ୱ ଶିଶୁ ଶ୍ରମିକ ଦିବସ ଅବସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଉପସ୍ଥିତ ରହି ଶିଶୁ ଶ୍ରମିକ ଭଳି ଘୃଣ୍ୟ ପ୍ରଥାର ବିଲୋପ, ଶିଶୁ ଶ୍ରମିକକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିବିଶେଷଙ୍କ ଲାଗି ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉନ୍ନତମାନର ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଶିଶୁ ଶ୍ରମିକ ପ୍ରଥାର ବିଲୋପ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଦୃତା ଶିଶୁଗୃହର କର୍ମଚାରୀ ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୪।୬**
ଢେଙ୍କାନାଳ ସହରସ୍ଥିତ ସିମିଳିଆ ଅଞ୍ଚଳରେ ଥିବା ଏକ ଆମ୍ବ ବଗିଚାରୁ ମଙ୍ଗଳବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ତାଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ଆନୁମାନିକ ବୟସ ୬୫ରୁ ୭୦ ବର୍ଷ ମଧ୍ୟରେ ହେବ ବୋଲି ଜଣାପଡ଼ିଛି। ସେ ଶାର୍ଟ ପ୍ୟାଣ୍ଟ ପିନ୍ଧିଛନ୍ତି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବୃଦ୍ଧଙ୍କ ପରିଚୟ ଜାଣିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

# କମ୍ପୁଛି ଆଳତୁମା ଆମ୍ବତୋଟା

- ଜମୁଛି ଦୋଳି ଖେଳ, ନୃତ୍ୟଗୀତର ଆସର
- ପ୍ରତିଯୋଗିତାରେ ଭାଗନେବାକୁ ପ୍ରବଳ ଉତ୍ସାହ

**କାମାକ୍ଷାନଗର, ୧୪।୬(ଡି.ଏନ୍.ଏ.)**
ବନ୍ଧାଯାଇଛି ରଙ୍ଗବେରଙ୍ଗର ଦୋଳି। ରଜଗୀତର ତାଳେତାଳେ ଚାଲିଛି ଦୋଳିଖେଳ। ନୃତ୍ୟସଙ୍ଗୀତରେ କମ୍ପୁଛି ରଜପଡ଼ିଆ। ଶିଶୁଙ୍କଠାରୁ ଆରମ୍ଭ କରି ମହିଳା ସମସ୍ତେ ହୋଇଉଠିଛନ୍ତି ମସ୍‌ଗୁଲ। ପିଠାପଣା, ରଜପାନ, ଚଟ୍‌ପଟି ଖାଦ୍ୟ ମହୋତ୍ସବ ମାହୋଲର ଖୁସିକୁ କରିଦେଇଛି ଦୁଇଗୁଣା। ମାଟି ଓ ମେଘର ଏହି ମିଳନ ପର୍ବରେ ସାଂସ୍କୃତିକ ସଦ୍‌ଭାବନାର ଗ୍ରାମ ଆଳତୁମା ନିଜକୁ ସାମିଲ କରିଥିବାବେଳେ ରଜ ମହୋତ୍ସବକୁ ନେଇ କମ୍ପିଉଠିଛି ଗାଁ ଆମ୍ବତୋଟା।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆଳତୁମା ଗ୍ରାମ ରଜପଡ଼ିଆକୁ ଦୁଇବର୍ଷ ପରେ ଫେରିଛି ରଜ ମହୋତ୍ସବ। ଚଳିତବର୍ଷ ଏହାର ୧୨ଶ ସଂସ୍କରଣ ପାଳନ କରାଯାଉଥିବାବେଳେ ୩ଦିନ ବ୍ୟାପୀ କାର୍ଯ୍ୟକ୍ରମ ଚାଲିବ। ରଜ କମିଟି ସଭାପତି ବାଳକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନଗରପାଳ ଧର୍ମାନନ୍ଦ ପରିଡ଼ା, ଗ୍ରାମ ସଭାପତି ପରମାନନ୍ଦ ମହାନ୍ତି, ବଡ଼ବିଲା ସଭାପତି ନାରାୟଣ ମହାରଣା, କାଉନ୍‌ସିଲର ଜିତେନ୍ଦ୍ର ରାଉଳ, ପ୍ରମୋଦ ଷେଣ୍ଡ, ବନମାଳୀ ରାଉଳ, ସଞ୍ଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଉଦ୍‌ଘାଟନୀ ଦିବସ ତଥା ପହିଲି ରଜରେ ନରସିଂହପୁର ନୂପୁର ଅନୁଷ୍ଠାନର କଳାକାରମାନେ ପଲ୍ଲୀନୃତ୍ୟ, କାମାକ୍ଷାନଗର ନୃତ୍ୟଭାରତୀ କଳାକେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛୋଟପିଲାଙ୍କୁ ନେଇ ବଲ୍ ରନିଂ, ମହିଳାଙ୍କ ମଧ୍ୟରେ ଝୋଟି, ପାରମ୍ପରିକ ପିଠା, ରଜଦୋଳି ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କିଶୋରୀ ବାଳିକାଙ୍କ ମଧ୍ୟରେ ମେହେନ୍ଦି, ମ୍ୟୁଜିକ୍ ଚେୟାର ଖେଳ ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରବଳ ଖରା ଏବଂ ଗୁଳୁଗୁଳି ସତ୍ତ୍ୱେ ରଜ ମହୋତ୍ସବର ମଜା ନେବା ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପଡ଼ୋଶୀ କଟକ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଆସିଛନ୍ତି। ରଜପଡ଼ିଆରେ ଭଳିକି ଭଳି ଚଟ୍‌ପଟି ଖାଦ୍ୟ, ଆଇସକ୍ରିମ୍ ବିକ୍ରି ହେଉଛି। ଦୁଇବର୍ଷ ପରେ ରଜ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଗ୍ରାମବାସୀ ବେଶ୍ ଉତ୍ସାହିତ ଅଛନ୍ତି।


୨ଜଣ ଶିଶୁ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

**ସରସ ସୁନ୍ଦର କରିବାକୁ ଉଦ୍ୟମ କରାଯାଉଛି**



"ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ପ୍ରଥମ ଥର ଆମ୍ବ ଗଛଗୁଡ଼ିକୁ କୌତୁକିଆ ଚିତ୍ରରେ ଚିତ୍ରିତ କରାଯାଇଛି। ଏହାକୁ ଦେଖିବାକୁ ଛୋଟପିଲାମାନେ ଆଗ୍ରହୀ ହେଉଛନ୍ତି।

-ପ୍ରଦୀପ ଷଣ୍ଢ, ଚିତ୍ରଶିଳ୍ପୀ

**କଳେବର ବଦଳିଛି, ଖର୍ଚ୍ଚ ବଢ଼ିଛି**



"ସ୍ୱଳ୍ପସଂଖ୍ୟକ ଲୋକଙ୍କୁ ନେଇ ରଜ ମହୋତ୍ସବ ଆରମ୍ଭ ହୋଇଥିଲା। ଏବେ ଏହାର କଳେବର ବଦଳିଛି। ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ଆଗାମୀ ଦିନରେ ଏହାକୁ ଆହୁରି ଆକର୍ଷଣୀୟ କରାଯିବ।

-ନିରଞ୍ଜନ ସାହୁ, ଗ୍ରାମବାସୀ

**ଏଭଳି ନିଆରା କାର୍ଯ୍ୟକ୍ରମ ଟାଣିଆଣିଛି**



"ଆଳତୁମାରେ ନିଆରା ଢଙ୍ଗରେ ରଜ ମହୋତ୍ସବ ପାଳନ କରାଯାଉଛି। ଗତ ଦୁଇବର୍ଷ ହେଲା କରୋନା ପାଇଁ ଏହା ବନ୍ଦ ଥିଲା। ଚଳିତବର୍ଷ ପୁନର୍ବାର ଏହାର ଆୟୋଜନ କରାଯାଇଥିବାରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଟାଣି ହୋଇଆସିଛି।

-ସାନ୍‌ଭୀ ରଣା, କଟକ

**ପ୍ରତିଯୋଗିତାରେ ସଫଳ ହେବି**



"ସୋସିଆଲ ମିଡିଆରେ ଆଳତୁମା ମହୋତ୍ସବ ସମ୍ପର୍କରେ ଜାଣିବା ପରେ ଅଡିଶନ ରାଉଣ୍ଡରେ ଭାଗନେଇଥିଲି। ଓଡ଼ିଶୀ ନୃତ୍ୟ ବର୍ଗରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପକ୍କା କରିଛି। ପ୍ରତିଯୋଗିତାରେ ସଫଳତା ମିଳିବ ବୋଲି ଆଶା ଅଛି।

ସ୍ୱାଗତିକା ବିଶ୍ୱାଳ, ନରସିଂହପୁର

### ଆଖିବୁଜିଲା ହାତୀ ଛୁଆ



**ଢେଙ୍କାନାଳ ଅଫିସ, ୧୪।୬**
ଫେଲ୍ ମାରିଲା ବନ ବିଭାଗର ଆପ୍ରାଣ ଉଦ୍ୟମ। ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ମା' ପରିତ୍ୟକ୍ତ ନବଜାତ ହାତୀ ଛୁଆର ଜୀବନ ବଞ୍ଚାଇବା ସମ୍ଭବପର ହେଲାନାହିଁ। ଫଳରେ ୩ଦିନ ହେଲା ଯେଉଁ ଅଭିଯାନ ଚାଲିଥିଲା, ମଙ୍ଗଳବାର ତାହାର ଦୁଃଖଦ ପରିସମାପ୍ତି ଘଟିଛି। ଗତ ୧୧ ତାରିଖ ରାତିରେ ହିନ୍ଦୋଳ ରେଞ୍ଜ୍ ରାସୋଳ ଥାନା କୁନୁଆ ଶବରସାହି ନିକଟରେ ଏକ ମା' ହାତୀ ଛୁଆକୁ ଜନ୍ମ ଦେଇ ଜଙ୍ଗଲକୁ ପଳାଇଥିଲା। ୧୨ ତାରିଖ ସକାଳେ ଏ ସମ୍ପର୍କରେ ସୂଚନା ମିଳିବା ପରେ ବନ କର୍ମଚାରୀ ପହଞ୍ଚି ବନ୍ୟପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଚିକିତ୍ସା କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ହାତୀ ଛୁଆକୁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଥିଲା। ଅନ୍ୟ ହାତୀଙ୍କଠାରୁ ପୃଥକ୍ ରଖି ଚିକିତ୍ସା କରାଯାଉଥିଲା। ଟ୍ୟୁବ୍ ମାଧ୍ୟମରେ କ୍ଷୀର ଦିଆଯାଉଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଏହାର ମୃତ୍ୟୁ ହୋଇଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ନବଜାତ ଛୁଆ ହାତୀକୁ ବଞ୍ଚାଇବା ପାଇଁ ଯଥାସାଧ୍ୟ ଉଦ୍ୟମ କରାଯାଇଥିଲା। ତେବେ ଜନ୍ମପରେ ମା'ଠାରୁ ଯାହା ପାଇବା କଥା ତାହା ମିଳି ନ ଥିବାରୁ ଶାବକର ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

# 'ସଂସ୍କୃତି, ପରମ୍ପରାର ମିଳନ ରଜ ମହୋତ୍ସବ'


ମହର୍ଷି ଦୟାନନ୍ଦ ସର୍ଭିସ ମିଶନରେ ପୋଡ଼ପିଠା କାଟୁଛନ୍ତି ଏମ୍‌ପି ମହେଶ ସାହୁ।

**ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ, କୁଞ୍ଜବିହାରୀ ବୃଦ୍ଧାଶ୍ରମ ଉତ୍ସବମୁଖର**

- ସୁରକ୍ଷା ନ ମିଳିଲେ ଲୋପପାଇଯିବେ ହାତୀବଂଶ: ସୁଲତା

**ଢେଙ୍କାନାଳ ଅଫିସ, ୧୪।୬**
ସଂସ୍କୃତି ଓ ପରମ୍ପରାର ମହାମିଳନ ହେଉଛି ରଜପର୍ବ। ଏହି କୃଷିଭିତ୍ତିକ ପର୍ବ ଭାଇଚାରା ସୃଷ୍ଟି କରିଛି। ନବଓଡ଼ିଶାର ସଂକଳ୍ପକୁ ପୂରଣ କରିବାକୁ ହେଲେ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଛନ୍ତି ଏମ୍‌ପି ମହେଶ ସାହୁ। ଢେଙ୍କାନାଳ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ 'ବନସ୍ତେ ଡାକିଲା ଗଜ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ଏହା କହିଥିଲେ। ଏହି ଅବସରରେ ସେ ପୋଡ଼ାପିଠା କାଟି ଅନ୍ତେବାସୀଙ୍କ ମଧ୍ୟରେ ବାଣ୍ଟିଥିଲେ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଅସୁରକ୍ଷିତ ହାତୀବଂଶକୁ ସୁରକ୍ଷା ଦେବାକୁ ଆହ୍ୱାନ ଦେଇଥିଲେ। ସେ ଅଭିଭାଷଣରେ କହିଲେ, ରଜ ଉତ୍ସବରେ ଗଜରାଜ ମନେପଡ଼ିଥାଆନ୍ତି। ଜଙ୍ଗଲ ଉଜୁଡ଼ି ଯାଉଥିବାରୁ ହାତୀବଂଶ ବିପଦରେ। ଜଳାଭାବରୁ ହାତୀପଲ ଜନବସତିକୁ ମାଡ଼ି ଆସୁଛନ୍ତି। ରଜ ଉତ୍ସବ ପାଳନ ସହିତ ପ୍ରକୃତିର ସୁରକ୍ଷା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ନଚେତ୍ ହାତୀ ଭଳି ମୂଲ୍ୟବାନ ପ୍ରାଣୀ ଲୋପ ହୋଇଯିବେ। ପରିବେଶ ସୁରକ୍ଷିତ ରହିଲେ ଆଗାମୀ ପିଢ଼ି ସୁରକ୍ଷିତ ରହିବେ। ଏଥିଲାଗି ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରତାପ ଆଚାର୍ଯ୍ୟ, ସାମାଜିକ କର୍ମୀ ମୋନାଲିସା ଭଦ୍ରା, ଉପଦେଷ୍ଟା ବିଭୂତି ଭୂଷଣ ଦାସ, ଯୋରନ୍ଦା ସରପଞ୍ଚ ଆରତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁଲତା ଦେଓ ଏବଂ ମୋନାଲିସା ଭଦ୍ରାଙ୍କୁ 'ରଜ କୁଇନ୍-୨୦୨୨'ରେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୋଳି ଖେଳ, ନୃତ୍ୟସଙ୍ଗୀତର କାର୍ଯ୍ୟକ୍ରମରେ ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା। ୩ କୁଇଣ୍ଟାଲ ପୋଡ଼ପିଠା, କାକରା, ବରା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ସାହୁ, ଶୁଭ୍ରା ପ୍ରିୟଦର୍ଶିନୀ, ଦୀନେଶ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କୁଞ୍ଜବାହାରୀ ବୃଦ୍ଧାଶ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ ଅନ୍ତେବାସୀଙ୍କୁ ଧୋତି, ଗାମୁଛା ଏବଂ ଶାଢ଼ି ବଣ୍ଟନ କରିଥିଲେ। 'ଐରା' ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, କାଉନ୍‌ସିଲର ଶୁଭଲକ୍ଷ୍ମୀ ସାହୁ, ସାମାଜିକ କର୍ମୀ ଶାନ୍ତି ମିଶ୍ର, ଐରାର ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରଥ ପ୍ରମୁଖ ଉପସ୍ଥିତ ରହି ରଜର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଅନ୍ତେବାସୀ ମଧୁସ୍ମିତା ସାହୁ ସଙ୍ଗୀତ ଗାନ କରିଥିଲେ। ଯୋଗ ଶିକ୍ଷକ ଧୀରେନ୍ଦ୍ର କୁମାର ଧଳସାମନ୍ତ ମାଟିପାତ୍ର ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ସଂଯୋଜକ ପ୍ରଦ୍ୟୁମ୍ନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିତାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆମ୍ବ ବଗିଚାରେ ଦୋଳିଖେଳ ସାଙ୍ଗକୁ ପୋଡ଼ପିଠା, ରଜପାନ, ଦହିବରା ଆଳୁଦମ୍, କାକରା ଆଦି ସୁସ୍ୱାଦୁ ଖାଦ୍ୟର ଆସର ଜମିଥିଲା।



ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଅନ୍ତେବାସୀଙ୍କୁ ଶାଢ଼ି ପ୍ରଦାନ କରୁଛନ୍ତି।

# ରଜମଉଜ କବିତା ଆସର


କବିତା ଆସରରେ ସାହିତ୍ୟପ୍ରେମୀମାନେ।

**ଢେଙ୍କାନାଳ ଅଫିସ, ୧୪।୬**
ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସାଗର ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର 'ରଜ ମଉଜ କବିତା ଆସର' ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ସମ୍ମାନିତ ଅତିଥି ବ୍ଲକ ସଂସ୍କୃତି ପରିଷଦ ସଭାପତି ଦୁର୍ଯ୍ୟୋଧନ ଜେନା, କବୟିତ୍ରୀ ଶ୍ରଦ୍ଧାଞ୍ଜଳି ନାୟକ ଉପସ୍ଥିତ ଥିଲେ। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଅତିଥି ପରିଚୟ ଏବଂ ସମ୍ପାଦକ ତ୍ରିଲୋଚନ ମହାରଣା ବିବରଣୀ ପାଠ କରିଥିଲେ। କବି ଦୟାନିଧି ସାହୁଙ୍କ ସଂଯୋଜନାରେ କବି ଦୁଃଶାସନ ସାହୁ, ପ୍ରଶାନ୍ତ ସାହୁ, ରବିନାରାୟଣ ନାୟକ, ଅରୁଣ ସାହୁ, ଧନେଶ୍ୱର ସେନାପତି, ସୁବାସ ଚନ୍ଦ୍ର ନାୟକ, ଯଶୋବନ୍ତୀ ପୃଷ୍ଟି ପ୍ରମୁଖ କବିତା ପାଠ କରିଥିଲେ। ଇନ୍ଦିପୁର ଗ୍ରାମ ବିକାଶ ପରିଷଦର ସମ୍ପାଦକ ଶେଷଦେବ ସାହୁ, ସହ ସମ୍ପାଦକ ଅଜୟ ପୃଷ୍ଟି, ଉପସଭାପତି ପୀତବାସ ପୃଷ୍ଟି, ଶିକ୍ଷାବିତ୍ ଶେଷଦେବ ପୃଷ୍ଟି, ଦାମୋଦର ନାୟକ, ଭାସ୍କର ଚନ୍ଦ୍ର ବେହେରା, ରବିନାରାୟଣ ସାହୁ, ଦିଲୀପ ମୁଦୁଲି, ଗୁଣନିଧି ସାହୁ, ପ୍ରଶାନ୍ତ ଗାଆଣ, ଗଙ୍ଗାଧର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସଂସଦର ଉପସଭାପତି ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ର୍‌ୟାମ୍ପ ଶୋ'ରେ ଦେବୋଲିନ ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୧୪।୬**
ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍ ପରିସରରେ 'ମାଇଁ ଢେଙ୍କାନାଳ କେଫ୍' ସହଯୋଗରେ 'ୟୁଥ୍ ଫର ସଷ୍ଟେନେବେଲିଟି' ପକ୍ଷରୁ ରଜପର୍ବ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ରୁ ୧୮ବର୍ଷ ବୟସର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହିଳା ବିଜେଡି ଜିଲା ସଭାନେତ୍ରୀ ସାଗରିକା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଇଥିଲେ। ୟୁଥ୍ ଫର୍ ସଷ୍ଟେନେବେଲିଟିର ପ୍ରତିଷ୍ଠାତା ପୁଣ୍ୟଶ୍ଳୋକ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ର୍‌ୟାମ୍ପ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦେବୋଲିନ ବରାଳଙ୍କ ସମେତ ଅନ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ରଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।


ଦେବୋଲିନ ବରାଳଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଶ୍ରୀବଳରାମ ମନ୍ଦିରରେ ସ୍ନାନପୂର୍ଣ୍ଣିମା



ଶ୍ରୀବଳରାମ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଅଳଙ୍କାର ବେଶ।

**ଢେଙ୍କାନାଳ ଅଫିସ, ୧୪।୬**

**ଅଳଙ୍କାର ବେଶରେ ଝଲସିଲେ ମହାପ୍ରଭୁ**

ଦୀର୍ଘ ଦୁଇବର୍ଷ ପରେ ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ସ୍ନାନଯାତ୍ରା। ଚନ୍ଦନ, ଅଗୁର, କର୍ପୂର ମିଶ୍ରିତ ସୁବାସିତ ଜଳରେ ସ୍ନାନ କରିବା ପରେ ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ଦାରୁବିଗ୍ରହ। ଢେଙ୍କାନାଳ ଜିଲାର ବିଭିନ୍ନ ଜଗନ୍ନାଥ ମନ୍ଦିର ସ୍ନାନଯାତ୍ରା ପାଳିତ ହୋଇଥିବାବେଳେ ଏହାକୁ ନେଇ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ।

ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀବଳରାମ ମନ୍ଦିରରେ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଛି ଦେବସ୍ନାନ ନୀତି। ସ୍ନାନ ମଣ୍ଡପରେ ଶ୍ରୀଜୀଉ ଚନ୍ଦନଲାଗି ବେଶ ଅନୁଷ୍ଠିତ ହୋଇଥିବାବେଳେ ସୁବର୍ଣ୍ଣ ଅଳଙ୍କାରରେ ଝଲସି ଉଠିଥିଲେ ମହାପ୍ରଭୁ।

ସ୍ନାନପୂର୍ଣ୍ଣିମା ଉପଲକ୍ଷେ ପ୍ରାତଃ ୫ଟାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ୫ଟା ୪୫ରେ ପହଣ୍ଡି, ୬ଟା ୪୫ରେ ଦକ୍ଷିଣ ବନ୍ଦାପନା ପରେ ୭ଟାରେ ସ୍ନାନ ମଣ୍ଡପରେ ବିଜେ କରିଥିଲେ। ସାଢ଼େ ୭ଟାରେ ଠାକୁରଙ୍କ ନୀତିକାନ୍ତି କରାଯିବା ପରେ ୮ଟାରେ ଚନ୍ଦନଲାଗି ବେଶ ଏବଂ ସାଢେ ୮ଟାରେ ଅଳଙ୍କାର ବେଶ ଅନୁଷ୍ଠିତ ହୋଇଥିଲା। ୮ଟା ୪୫ରେ ବଲ୍ଲଭ ଭୋଗ ପରେ ସର୍ବସାଧାରଣ ଦର୍ଶନ କରିଥିଲେ। ଦୁଇବର୍ଷ ପରେ ଠାକୁରଙ୍କ ଦର୍ଶନ ଅନୁମତି ଥିବାରୁ ପ୍ରବଳ ଜନସମାଗମ ହୋଇଥିଲା। ମନ୍ଦିର ପରିସରରେ ଥିବା ଦୁଇଟି ସ୍ନାନ ମଣ୍ଡପ ମଧ୍ୟରୁ ଗୋଟିଏରେ ମହାପ୍ରଭୁ ଶ୍ରୀବଳରାମ, ଶ୍ରୀକୃଷ୍ଣ, ସୁଭଦ୍ରା ଏବଂ ଅନ୍ୟଟିରେ ଶ୍ରୀଜଗନ୍ନାଥ ବିଜେ କରିଥିଲେ। ରାତି ୧୦ଟାରେ ଶ୍ରୀଜୀଉମାନେ ଅଣସର ପିଣ୍ଡିକୁ ବିଜେ କରିଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି। ଏମ୍‌ପି ମହେଶ ସାହୁ ଠାକୁରଙ୍କ ଦର୍ଶନ କରିବା ସହିତ ସେବାୟତଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହାବାହୁଙ୍କ ଗଜାନନ ବେଶ

**ସାତମାଇଲ/ଭୁବନ, ୧୪।୬(ଡି.ଏନ୍.ଏ.)**
ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିତ୍ୟପୂଜକ ନରେଶ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରଦୀପ ପତି, ଅଜୟ ପତି, ସମୀର ନାଥ, ଜଗନ ନାଥ ପ୍ରମୁଖ ମନ୍ତ୍ରପାଠ କରି ୧୦୮ ଗରା ପାଣିରେ ସ୍ନାନ କରାଇଥିଲେ। ମନ୍ଦିରର ସଭାପତି ପ୍ରିୟରଞ୍ଜନ ମାହୁନ୍ତ, ବିରଞ୍ଚି ନାରାୟଣ ତ୍ରିପାଠୀ, ଭଗବାନ ସାହୁ, ତ୍ରିଲୋଚନ ପ୍ରଧାନ, କବିରାଜ ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ବାବୁରାମ ନାୟକ, ମଙ୍ଗରାଜ ପ୍ରଧାନ, ବିଶ୍ୱରଞ୍ଜନ, ଲୋଚନ ସାହୁ, କାଳିଆ ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଠାକୁରଙ୍କୁ ଅଣସର ଘରକୁ ବିଜେ କରାଯାଇଛି।

ସେହିପରି ଭୁବନରେ ମହାଆଡମ୍ବରରେ ପାଳିତ ହୋଇଛି ଶ୍ରୀଜୀଉଙ୍କ ସ୍ନାନପୂର୍ଣ୍ଣିମା। ମଙ୍ଗଳ ଆଳତି ପରେ ସକାଳ ସାଢ଼େ ୬ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ୭ଟାରେ ସ୍ନାନ ପରେ ହାତୀବେଶରେ ଦର୍ଶନ ଦେଇଥିଲେ ମହାପ୍ରଭୁ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତୁଷାରକାନ୍ତି ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜକମାନେ ନୀତିକାନ୍ତି କରିଥିଲେ। ସନ୍ଧ୍ୟା ୬ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରକୁ ଅଣାଯାଇଛି। କଂସାରି ସମ୍ପ୍ରଦାୟ ପକ୍ଷରୁ ଘଣ୍ଟ ବାଦନ କରାଯାଇଥିବାବେଳେ ହରିବୋଲ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା।


ଭୁବନ ଜଗନ୍ନାଥ ମନ୍ଦିର ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୧୪।୬(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ମହିନୀ ଦେହୁରୀଙ୍କୁ ତାଙ୍କ ସ୍ୱାମୀ ମିଟୁ ଦେହୁରୀ ନିର୍ଯାତନା ଦେଉଥିବା ସୋମବାର ଥାନାରେ ମହିନୀ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୪୮/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ୯ ବର୍ଷ ତଳେ ମିଟୁ ମହିନୀଙ୍କୁ ବିବାହ କରିଥିଲେ। ହେଲେ କିଛି ଦିନ ହେବ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ବିଧାୟକଙ୍କ ନୂଆ ବ୍ଲକ ପ୍ରତିନିଧି



ବଇଣ୍ଡା,୧୪।୬ (ଡି.ଏନ.ଏ.): କିଶୋରନଗର ବ୍ଲକର ପୂର୍ବତନ ସରପଞ୍ଚ କାଳନ୍ଦୀ ଚରଣ ପ୍ରଧାନ ସୋମବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ କିଶୋରନଗର ବ୍ଲକ ପ୍ରତିନିଧି ଭାବେ ନିଯୁକ୍ତ ହୋଇଛନ୍ତି। ଏ ନେଇ ବିଧାୟକ ଚିଠି ନମ୍ବର ୩୩୦, ୧୩ ଜୁନ ୨୦୨୨ରେ ଅନୁଗୋଳ ଜିଲାପାଳଙ୍କୁ ଅବଗତ କରିବା ସହ ଆଠମଲ୍ଲିକ ଉପଜିଲାପାଳ, କିଶୋରନଗର ବିଡିଓ, ତହସିଲଦାର, ଉପଖଣ୍ଡ ଆରକ୍ଷୀଙ୍କୁ ଅବଗତ କରାଇଛନ୍ତି। କାଳନ୍ଦୀ ପୂର୍ବରୁ ଧଡରପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାବେ କାର୍ଯ୍ୟ କରୁଥିବାବେଳେ ବିଜେଡିର ସକ୍ରିୟ ନେତା ରହିଛନ୍ତି।

### ବଳାତ୍କାର ଅଭିଯୁକ୍ତ ଗିରଫ

ବଇଣ୍ଡା,୧୪।୬(ଡି.ଏନ.ଏ.): କିଶୋରନଗର ବ୍ଲକ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ହଣ୍ଡପା ପୋଲିସ ହଣ୍ଡପା ଥାନା ଅଞ୍ଚଳର ବାସୁଦେବ ରଥ (୩୦)ଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୧୪୯/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାସୁଦେବଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୪।୬(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ବଡହୁଲା ଗ୍ରାମର ଭାସ୍କର ବେହେରାଙ୍କୁ ସେହି ଗ୍ରାମର ନରୋତ୍ତମ ବେହେରା, ବ୍ରହ୍ମାନନ୍ଦ ବେହେରା, ସାରଥି ବେହେରା ମାଡ଼ ମାରିଥିବା ସୋମବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୪୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଭାସ୍କର ଓ ନରୋତ୍ତମଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

### ନାବାଳିକା ଅପହରଣ, ଥାନାରେ ମାମଲା

ଅନୁଗୋଳ ଅଫିସ, ୧୪।୬: ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ବାପା ଉଦ୍ଧାର କରିବା ପରେ ନିଜେ ନାବାଳିକା ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୩୨୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ନାବାଳିକା ଜଣଙ୍କୁ ଜଣେ ଯୁବକ ଅପହରଣ କରି ପୁରୀ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିବା ସହ ମଥାରେ ସିନ୍ଦୂର ପିନ୍ଧାଇ ବିବାହ କରିଥିଲେ। ତେବେ କୌଣସି ସୂତ୍ରରୁ ଖବରପାଇ ନାବାଳିକାଙ୍କ ବାପା ପୁରୀରେ ପହଞ୍ଚି ଝିଅକୁ ଉଦ୍ଧାର କରି ଘରକୁ ଆଣିଥିଲେ।

# ପରମ୍ପରା ବଢ଼ାଉଛି ଭାଇଚାରା

ବଇଣ୍ଡା,୧୪।୬(ଡି.ଏନ.ଏ.)



ଇଚ୍ଛାପୁର ଗ୍ରାମର କିଶୋରୀମାନେ ଦୋଳି ଖେଳୁଛନ୍ତି।

- ରଜକୁ ନେଇ ଇଚ୍ଛାପୁର ଉତ୍ସବମୁଖର
- ଗାଁରେ ଚାଲିଛି ବିଭିନ୍ନ ପ୍ରତିଯୋଗିତା
- ଭାଗ ନେଉଛନ୍ତି କିଶୋରୀ, ଯୁବତୀ

ଜ୍ୟେଷ୍ଠମାସର ଶ୍ରେଷ୍ଠ ପର୍ବ ରଜ। ଏହି ୩ ଦିନିଆ ଉତ୍ସବକୁ ନେଇ ଗାଁଠାରୁ ସହର ସବୁଠି ଉତ୍ସବମୁଖର ପରିବେଶ। ମଙ୍ଗଳବାର ପହିଲି ରଜ ଥିବାରୁ ଆରମ୍ଭ ହୋଇଯାଇଛି ଦୋଳି ଖେଳ ଓ ପୋଡ଼ପିଠା ଖିଆ। କିଶୋରୀ ଓ ଯୁବତୀମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଚାଲିଛି ନାନା ପ୍ରକାର ପ୍ରତିଯୋଗିତା। ସେହିପରି ଯୁବକଙ୍କଠାରୁ ବୃଦ୍ଧଙ୍କ ଯାଏ ସମସ୍ତେ ମାତିଯାଇଛନ୍ତି ତାସ୍, ବାଗୁଡ଼ି ଆଦି ଖେଳରେ। ଘରେ ଘରେ ବନ୍ଧୁବାନ୍ଧବ ପହଞ୍ଚିଥିବା ବେଳେ ଲୁଡୁ ଖେଳ ପିଲାଙ୍କୁ ବେଶ୍ ଆନନ୍ଦିତ କରୁଛି। ଓଡ଼ିଶାର ଏହି ଗଣପର୍ବକୁ ଅତ୍ୟନ୍ତ ଆନନ୍ଦଉଲ୍ଲାସରେ ପାଳନ କରାଯାଉଥିବା ବେଳେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଇଚ୍ଛାପୁର ଗ୍ରାମବାସୀ ପରମ୍ପରାକୁ ବଜାୟ ରଖିଛନ୍ତି। କରୋନା ପାଇଁ ଗତ ୨ ବର୍ଷ ହେଲା ରଜ ଫିକା ପଡ଼ିଯାଇଥିଲା। ହେଲେ ଚଳିତବର୍ଷ ଏହାକୁ ଧୁମଧାମରେ ପାଳନ କରାଯାଉଛି। ଗାଁର ବିନାୟକ ୟୁଥ୍ କ୍ଲବ ପକ୍ଷରୁ ମହୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବାରୁ ଏହା ଗାଁରେ ଭାଇଚାରା ବୃଦ୍ଧିରେ ସହାୟକ ହୋଇଛି।

ରଜ ପର୍ବକୁ ଅଧିକ ସ୍ୱତନ୍ତ୍ର କରିବାକୁ ଇଚ୍ଛାପୁର ଗାଁରେ ପୁଚି, ତାସ, ନୃତ୍ୟ, ଭଜନ, କୁଇଜ, ଶଙ୍ଖ ଫୁଙ୍କା, ହୁଳହୁଳି ପ୍ରତିଯୋଗିତା ଚାଲିଛି। ମଙ୍ଗଳବାର ଏହି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଯୋଗଦେଇ ପ୍ରତିଯୋଗିତା ଆରମ୍ଭ କରିବା ସହ ଏହାକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଇଚ୍ଛାପୁର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଧାନ, ଅନ୍ୟତମ ଅତିଥି ଭାବେ ବିଶ୍ୱଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସ୍ଥାନୀୟ ସରପଞ୍ଚ ନୟନୀ ବେହେରା, ସମିତିସଭ୍ୟା ରୀତା ସାହୁ, ଶିକ୍ଷକ ଲୋକନାଥ ସାହୁ, ବିପିନୀ ବିହାରୀ ସାହୁ, ଯୋଗଦେଇ ରଜପର୍ବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୁଳମଣି ସାହୁ ପରିଚାଳନା କରିଥିବା ବେଳେ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

#### ଦୋଳିର ମଜା ନେଉଛି



ରଜ ପର୍ବ ପାଇଁ ଗାଁ ଚଳଚଞ୍ଚଳ ହୋଇପଡ଼ିଛି। ନୂଆ ଡ୍ରେସ୍ ପିନ୍ଧି ସାଙ୍ଗମାନଙ୍କ ସହ ମିଶି ଦୋଳି ଖେଳିବା, ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ମଜା ଲାଗୁଛି। ୩ ଦିନ ଧରି ଏହି ପର୍ବ ପାଳନ ହେଉଥିବାରୁ ମନ ଆନନ୍ଦରେ ଭରିଯାଉଛି।

-ଯାଜ୍ଞସେନୀ ସାହୁ

#### ସମସ୍ତେ ମିଶି ଉତ୍ସବ ମନାଉଛୁ



ଆମ ଗ୍ରାମରେ ରଜ ବେଶ୍ ଧୁମଧାମରେ ପାଳନ କରାଯାଉଛି। ସହରରେ ରହୁଥିବା ଲୋକ ଏହି ପର୍ବ ପାଳନ ପାଇଁ ଗାଁକୁ ଆସିଛନ୍ତି। ସମସ୍ତେ ମିଶି ଉତ୍ସବ ମନାଉଛୁ। ଏକଜୁଟ ହୋଇ ୩ ଦିନିଆ ରଜ ପର୍ବ ପାଳନ କରିବାର ମଜା ନିଆରା।

-ସ୍ୱର୍ଣ୍ଣମୟୀ ସାହୁ

#### ଆଡ଼ମ୍ବର ସହ ପାଳନ ହେଉଛି



କରୋନା ପାଇଁ ୨ ବର୍ଷ ଉତ୍ସବ ଫିକା ପଡ଼ିଯାଇଥିଲା। ତେବେ ଏଥର କଟକଣା ନ ଥିବାରୁ ପୁଣି ବଡ଼ ଆଡ଼ମ୍ବର ସହ ପାଳନ ହେଉଛି। କିଭଳି ଭଲ ସଜବାଜ ହୋଇ ଏହି ଉତ୍ସବକୁ ଉପଭୋଗ କରିହେବ ସେ ନେଇ ବ୍ୟାପକ ପ୍ରସ୍ତୁତି ହୋଇଛି।

-ସ୍ୱତୀସ୍ମିତା ସାହୁ

#### ପରମ୍ପରା ବଜାୟ ରହିଛି



ଗାଁ ମାନଙ୍କରେ ରଜ ପର୍ବ ପରମ୍ପରା ଅନୁଯାୟୀ ପାଳନ କରାଯାଉଛି। ସମସ୍ତେ ଏକତ୍ରିତ ହୋଇ ରଜର ମଜା ଉଠାଉଥିବାବେଳେ ଯୁବତୀମାନେ ଗାଁ ଗାଁ ବୁଲି ଦୋଳି ଖେଳିବା ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଛନ୍ତି।

-ସୋମ୍ୟାରାଣୀ ମାଝି

## ପବିତ୍ର ମୋହନଙ୍କ ଜୀବନୀ ଉପରେ ଆଲୋକପାତ

ଅନୁଗୋଳ ଅଫିସ, ୧୪।୬

ବାଜି ରାଉତ ଛାତ୍ରାବାସ ଶାନ୍ତି କୁଟିର ମଧ୍ୟରେ ଗଡ଼ଜାତ ପ୍ରଜା ଆନ୍ଦୋଳନର ପ୍ରମୁଖ ନାୟକ ତଥା ଓଡ଼ିଶାର ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ କୃଷ୍ଣା ମହାନ୍ତି ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ପବିତ୍ର ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ସଭାପତି ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, ହୀରାକୁଦ ବିସ୍ଥାପିତ ପ୍ରଜା ସମ୍ପାଦକ ଗୋପୀନାଥ ମାଝି, ଲଖନପୁର ବିସ୍ଥାପିତ ସଭାପତି ବିରଞ୍ଚି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପବିତ୍ର ମୋହନ ପ୍ରଧାନଙ୍କ ଜୀବନୀ ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଶ୍ରୀ ଲିପିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଶଙ୍କର ବେହେରା, କ୍ଷୀରୋଦ ବିଶ୍ୱାଳ, ପ୍ରତିମା ନାୟକ, ଲଳିତା ନାୟକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ କୃଷ୍ଣା ମହାନ୍ତିଙ୍କ ସହ ଛାତ୍ରାବାସ ପିଲାମାନେ।

## ସଂଗ୍ରାମ କେଶରୀ ପୃଷ୍ଟି ସମ୍ମାନିତ

ବଇଣ୍ଡା,୧୪।୬(ଡି.ଏନ.ଏ.)

ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଶୋରନଗର ବ୍ଲକର ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ଭାବ ଉତ୍ତରଣ ସାହିତ୍ୟ ପରିଷଦ ତରଫରୁ ସମ୍ମାନିତ କରାଯାଇଛି। ରବିବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପ ପରିସରରେ ଅନୁଷ୍ଠିତ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ପୃଷ୍ଟିଙ୍କୁ ଅଙ୍ଗବସ୍ତ୍ର, ଫଳକ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଓ ସମ୍ମାନିତ ଅତିଥି ଭାବେ ଗାଳ୍ପିକା ଡ. ହିରଣ୍ମୟୀ ମିଶ୍ର ଯୋଗ ଦେଇଥିଲେ। ୨୫ ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକ ଲେଖିଥିବା ପୃଷ୍ଟି ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଅନୁଗୋଳ ଜିଲାର ପ୍ରତିନିଧି ଅଛନ୍ତି।



ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ସମ୍ମାନିତ କରାଯାଉଛି।

## ଦେବଭୂମିରେ ଦେବସ୍ନାନ ପୂର୍ଣ୍ଣିମା



ଜେଏସ୍‌ପି ଅଧ୍ୟକ୍ଷ ନିଜ ନୀତି ନିର୍ବାହ କରୁଛନ୍ତି।

ଅନୁଗୋଳ ଅଫିସ,୧୪।୬

ଅନୁଗୋଳ ଜିନ୍ଦଲ ନଗର ପରିସରସ୍ଥିତ ଦେବଭୂମି ଜଗନ୍ନାଥ ମନ୍ଦିରଠାରେ ଦେବସ୍ନାନ ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ମନ୍ଦିରର ଆଦ୍ୟ ସେବକ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ସହ ତାଙ୍କ ସହଧର୍ମିଣୀ ଶାଲୁ ଜିନ୍ଦଲ ଯୋଗଦେଇ ବିଧି ମୁତାବକ ଛେରା ପହଁରା ନୀତି ନିର୍ବାହ କରିଥିଲେ। ପ୍ରାତଃ ୬ ଘଟିକାରୁ ସ୍ୱତନ୍ତ୍ର ପୂଜାନୀତି ଆରମ୍ଭ କରାଯାଇଥିଲା। ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁଖ୍ୟ ମନ୍ଦିରଠାରୁ ସ୍ନାନ ମଣ୍ଡପ ପର୍ଯ୍ୟନ୍ତ ଧାଡ଼ି ପହଣ୍ଡି ସହ ମଙ୍ଗଳ ଆରତୀ, ତଡପ ଲାଗି, ଅବକାଶ, ଶ୍ରୀମୁଖ ପୋଛା ଏବଂ ଅନ୍ୟାନ୍ୟ ରୀତିନୀତି ମୁଖ୍ୟ ପୂଜକଙ୍କ ପରାମର୍ଶ ମୁତାବକ ଅନୁଷ୍ଠିତ ହୋଇଥିଲା। ସ୍ନାନ ଯାତ୍ରା ବିଧି ସମ୍ପନ୍ନ ପରେ ଠାକୁରଙ୍କୁ ଅଣସର ଘରକୁ ନିଆଯାଇଥିଲା। ଜିନ୍ଦଲ ନଗର ସହ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରଙ୍କ ଏହି ନୀତିକାନ୍ତି ଦେଖିଥିଲେ। ଚଳିତ ବର୍ଷ ଦେବଭୂମିଠାରେ ହେବାକୁ ଥିବା ପ୍ରଥମ ରଥଯାତ୍ରା ନିମନ୍ତେ ଭକ୍ତମାନେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ମ୍ୟାନେଜମେଣ୍ଟ ମଧ୍ୟ ଚତୁର୍ଦ୍ଧା ବିଗ୍ରହଙ୍କ ରଥଯାତ୍ରା ଏବଂ ବାହୁଡା ଯାତ୍ରା ନିମନ୍ତେ ଶ୍ରଦ୍ଧାଳୁଙ୍କ ବହୁଳ ସମାଗମ ଆଶା କରୁଛି।

## ପିଠା ପଣା ସହ ଦୋଳି ମଜା ନେଲେ

ଅନୁଗୋଳ ଅଫିସ, ୧୪।୬

ଅନୁଗୋଳ ସହରରେ ପହିଲି ରଜରେ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ସହରୀ ଲୋକମାନେ ପିଠା ପଣା ସହ ଦୋଳି ଖେଳିବାର ମଜା ନେଇଛନ୍ତି। ରଜ ସ୍ପେଶାଲ ପାନ ଖାଇ ମଉଜ କରିଛନ୍ତି। ରଜ ପାନ ପାଇଁ ବିଭିନ୍ନ ଦୋକାନୀ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। କେଉଁ ଦୋକାନୀ ପାନରେ ନିଆଁ ଲଗାଇ ଲୋକଙ୍କୁ ଖୁଆଇ ଦେଉଥିଲେ ତ ଆଉ କିଏ ରକମ ରକମର ମସଲାରେ ସ୍ୱତନ୍ତ୍ର ପାନ ପ୍ରସ୍ତୁତ କରି ହାତକୁ ବଢ଼ାଇ ଦେଉଥିଲେ। ଅନୁଗୋଳ ବ୍ୟାଙ୍କ ଛକ ପାଖରୁ ଆରମ୍ଭ କରି ବଜାରଛକ, ଇକୋ ପାର୍କରୁ ଆରମ୍ଭ କରି ହୁଲୁରିସିଂହା ଓ କଲେଜ ଛକରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ୭୦ ପ୍ରକାର ମସଲାରେ ପ୍ରସ୍ତୁତ ପାନ ଦର ୩୫ରୁ ୪୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଖଜୁର, ହନି, ଗୁଲାବ ପତି, ରୋଜ, ସପୁରୀ, କେଶର ଆଦି ଭଳି କି ଭଳି ପାନର ନାମକରଣ କରାଯାଇ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ବ୍ୟବସାୟୀ ଅନିଲ କୁମାର ସାହୁ କହିଛନ୍ତି, ସବୁଦିନ ପାନ ବ୍ୟବସାୟ ହୋଇଥାଏ। କିନ୍ତୁ ରଜ ପାଇଁ ସ୍ୱତନ୍ତ୍ର ଷ୍ଟଲରେ ରଜ ପାନ ଖୋଲାଯାଇଛି।

# ବଳରାମପ୍ରସାଦରେ ରଜ ଉତ୍ସବ

ବଁଅରପାଳ,୧୪।୬(ଡି.ଏନ.ଏ.)

ବଁଅରପାଳ ବ୍ଲକ ବଳରାମପ୍ରସାଦ ପଞ୍ଚାୟତର ଅପରାଜିତା ଓମେନ୍ସ କ୍ଲବ ତରଫରୁ ରଜ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବକୁ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଉଦ୍‌ଘାଟନ କରିଥିଲେ। ମଞ୍ଚାସୀନ ଅତିଥି ଭାବେ କ୍ଲବ ଉପଦେଷ୍ଟା ଡକ୍ଟର ବିଜୟଲକ୍ଷ୍ମୀ ତାରେଣିଆ ଓ ସଭାପତି ପଦ୍ମାକ୍ଷୀ ସିଂ ଯୋଗଦେଇଥିଲେ। ସଭାପତି ପଦ୍ମାକ୍ଷୀ ସିଂ ରଜ ଅବସରରେ ମିଠା ପାନ ଉପହାର ଦେଇଥିଲେ। ଆୟୋଜକ କ୍ଲବ ତରଫରୁ ପ୍ରଥମ ଦିବସରେ ପିଠା, ଚାଟ ଓ ଗୁପଚୁପ ଷ୍ଟଲ ଲଗା ଯାଇଥିବାବେଳେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ମିଠା ପାନର ଷ୍ଟଲ ଲଗାଯାଇଥିଲା। ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତାରେ ପଞ୍ଚାୟତବାସୀ ଅଂଶଗ୍ରହଣ କରିଥିବାବେଳେ ସରପଞ୍ଚ ଜୟନ୍ତୀ ସାହୁ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ ସଦସ୍ୟା ଏଲିନା ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦିକା ସୁଚିସ୍ମିତା ସିଂ ଓ ସମସ୍ତ ସଦସ୍ୟା ଉପସ୍ଥିତ ରହି ଉତ୍ସବକୁ ଆଗେଇ ନେଇଥିଲେ। ବୁଧବାର ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ପଦ୍ମାକ୍ଷୀ ସିଂ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମ ଅବସରରେ ଆୟୋଜକ କ୍ଲବ କର୍ମକର୍ତ୍ତାମାନେ।

## ୮୬ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତ ସଂଗ୍ରହ ଅବସରରେ ଉପସ୍ଥିତ ଅତିଥି, ଡାକ୍ତର ଓ ଅନ୍ୟମାନେ।

ତାଳଚେର,୧୪।୬(ନି.ପ୍ର.)

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଲିଙ୍ଗରାଜ କ୍ଷେତ୍ରଠାରେ ବିଶ୍ୱ ରକ୍ତ ଦାନ ଦିବସ ଅବସରରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ଲିଙ୍ଗରାଜ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ଦେହୁରୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲିଙ୍ଗରାଜ କ୍ଷେତ୍ରର ପ୍ରକଳ୍ପ ଅଧିକାରୀ, ଏରିଆ ପର୍ସନାଲ ମ୍ୟାନେଜର, ମହାପ୍ରବନ୍ଧକ ଓ ଘଣ୍ଟପଡାର ତୋଫାନ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା କରାଯାଇ ଲୋକମାନଙ୍କୁ ରକ୍ତ ଦାନ ସମ୍ପର୍କରେ ସଚେତନ କରାଯାଇଥିଲା। ଏହାକୁ ଲିଙ୍ଗରାଜ ଏରିଆ ମାଇନିଂ ଷ୍ଟାଫ୍ ଅଫିସର ଦୀନବନ୍ଧୁ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ମୋଟ ୮୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି। ଲିଙ୍ଗରାଜ ଏରିଆ ମେଡିକାଲ ଅଫିସର ଡା. ଏମ୍‌ଡି ଫାସି ଆଲାମଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ବିଏମ୍‌ଏସ୍ ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ।

# ହାତୀ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ଅନୁଗୋଳ ଅଫିସ, ୧୪।୬



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଉଛି।

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଠାକୁରଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ହାତୀ ବେଶରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେବା ପରେ ରାତି ୯ଟାରେ ଅଣସର ଘରକୁ ବିଜେ ହୋଇଥିଲେ। ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ସେବାୟତ ପରିଚାଳନା କରିଥିବାବେଳେ ଅତିରିକ୍ତ ଏସ୍‌ପି ପ୍ରସନ୍ନ ବିଶ୍ୱାଳ ଛେରା ପହଁରା ପରିଥିଲେ। ସେହିପରି ଇସ୍କନ କେନ୍ଦ୍ରରେ ସ୍ନାନପୂର୍ଣ୍ଣିମା ଅବସରରେ ଠାକୁରଙ୍କ ସମସ୍ତ ନୀତିଅନୁଷ୍ଠିତ ହୋଇଥିଲା। କେନ୍ଦ୍ରର ପରିଚାଳକ ପୁରୁଷୋତ୍ତମ ଦାସ, ସହ ପରିଚାଳକ ମୋହନ କୃଷ୍ଣ ଦାସ କାର୍ଯ୍ୟ ପରିଚାଳନା କରିଥିଲେ। ଛେଣ୍ଡିପଦା ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସେଠାରେ ମହାସ୍ନାନ ସହ ହାତୀ ବେଶ କରାଯାଇ ସନ୍ଧ୍ୟାରେ ଅଣସର ଘରକୁ ବିଜେ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଲମ୍ବୋଦର ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ବେହେରା, ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ପୂଜକ ଚିତ୍ତରଞ୍ଜନ ମିଶ୍ର, ପଣ୍ଡିତ ଉମେଶ ଦାସ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ବଁଅରପାଳସ୍ଥିତ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ମହାସ୍ନାନ ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅଶୋକ ଦାସ, ଅଚ୍ୟୁତ ଦାସ, ହରମୋହନ ପଣ୍ଡା, ନରେଶ ନାଥ ଓ ପ୍ରାଣବନ୍ଧୁ ନାଥଙ୍କ ଦ୍ୱାରା ନୀତି ସମ୍ପାଦିତ ହୋଇଥିଲା। କର୍ତ୍ତା ଭାବେ ସତ୍ୟବାନ ବରାହ ଓ ସହଧର୍ମିଣୀ କୁମୁଦିନୀ ବରାହ କାର୍ଯ୍ୟ ନିର୍ବାହ କରିଥିଲେ। ଆଠମଲ୍ଲିକ ଜଗନ୍ନାଥ ମନ୍ଦିରରେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ନାନ ମଣ୍ଡପରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ କର୍ତ୍ତା ଭାବେ ଯୋଗଦେଇ ସମସ୍ତ ନୀତିକାନ୍ତିରେ ସହଯୋଗ କରିଥିଲେ। ପହଣ୍ଡିଆ କମିଟି ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ସମ୍ପାଦକ ନବ କିଶୋର ତ୍ରିପାଠୀଙ୍କ ସମେତ ସମସ୍ତ ପହଣ୍ଡିଆ ଯୋଗ ଦେଇଥିଲେ। ଏଥିସହ ବ୍ଲକ ପେଡିପଥର, ଠାକୁରଗଡ଼, କୃତ୍ତିବାସପୁର, କିଶୋରନଗର ବ୍ଲକର ବିଲେଇନାଳି, ସରିଗିପାଲି, ବାମୁର, ଘୋଷାର, ବାଟିମୁଣ୍ଡା ଗ୍ରାମ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ପାଳିତ ପାଳିତ ହୋଇଯାଇଛି। କଣିହାଁ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସମଲ ପଞ୍ଚାୟତରେ ଥିବା ତ୍ରିବେଣୀ ଶ୍ରୀକ୍ଷେତ୍ରରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ବେହେରା, ପରିଚାଳନା କମିଟି ସଦସ୍ୟ ତୋଷାମଣି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବଡ଼ଗୁଣ୍ଡୁରୀ, ପଥରମୁଣ୍ଡା, ରେଙ୍ଗାଳି, ବଜ୍ରକୋଟ ଏବଂ ଏନ୍‌ଟିପିସି ପ୍ରକଳ୍ପସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା।



ଆଠମଲ୍ଲିକରେ ସ୍ନାନମଣ୍ଡପରେ ଠାକୁର।



ବଁଅରପାଳ ପଞ୍ଚଶ୍ରୀକ୍ଷେତ୍ର।



ଛେଣ୍ଡିପଦା ଜଗନ୍ନାଥ ମନ୍ଦିର।



କଣିହାଁ ବ୍ଲକ ସମଲ ପଞ୍ଚାୟତ ତ୍ରିବେଣୀ ଶ୍ରୀକ୍ଷେତ୍ର।

